# NATIONAL NEWS BULLETIN (ODIA)
## 07th October - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଜି ସାକ୍ଷାତ୍ ଆଲୋଚନା କରିବେ ମାଳଦୀପ ରାଷ୍ଟ୍ରପତି ।

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ମାଓପ୍ରବଣ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ ।

- ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ତିନିଦିନିଆ ମୁଦ୍ରାନୀତି କମିଟି ବୈଠକ ଆଜିଠାରୁ ଆରମ୍ଭ ।

- ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣର ଏକବର୍ଷ ପୂରଣ ଅବସରରେ ଇସ୍ରାଏଲ୍ ପକ୍ଷରୁ ହାଇ ଆଲର୍ଟ ଜାରି ।

ଏବଂ

- ତିନିଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ବାଂଲାଦେଶ ବିପକ୍ଷରେ ୭ ଓ୍ୱିକେଟ୍‌ରେ ବିଜୟୀ ।

## ପି.ଏମ୍. - ମାଳଦୀପ ପ୍ରେଜ୍ ଟକ୍‌ସ

ମାଳଦୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୋଇଜ୍ଜୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ୍ ଆଲୋଚନା କରିବେ । ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ବୈଠକରେ ଦୁଇ ନେତା ମତ ବିନିମୟ କରିବେ । ଦୁଇ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଆଲୋଚନା ପୂର୍ବରୁ ରାଷ୍ଟ୍ରପତି ଭବନରେ ମାଳଦୀପ ରାଷ୍ଟ୍ରପତି ଡକ୍ଟର ମୋଇଜ୍ଜୁଙ୍କୁ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ରାଜଘାଟ ଯାଇ ଡକ୍ଟର ମୋଇଜ୍ଜୁ ଜାତିର ପିତା ମହାତ୍ମାଗାନ୍ଧିଙ୍କ ସମାଧିପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସହ ଡକ୍ଟର ମୋଇଜ୍ଜୁ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ମାଳଦୀପ ରାଷ୍ଟ୍ରପତି ଆଗ୍ରା ଏବଂ ମୁମ୍ବାଇକୁ ଆସନ୍ତାକାଲି ଏବଂ ବୁଧବାର ଦିନ ବେଙ୍ଗାଲୁରୁ ଗସ୍ତରେ ଯିବେ । ପାଞ୍ଚଦିନିଆ ଭାରତ

ଗସ୍ତରେ ଆସି ରାଷ୍ଟ୍ରପତି ମୋଇଜ୍ଜୁ ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଡକ୍ଟର ମୋଇଜ୍ଜୁଙ୍କର ଏହା ହେଉଛି ପ୍ରଥମ ଦ୍ୱିପାକ୍ଷିକ ଭାରତ ଗସ୍ତ ।

## ଶାହା-ସି.ଏମ୍. ନକ୍ସଲ୍ ମିଟ୍

ନୂଆଦିଲ୍ଲୀରେ ଆଜି ମାଓପ୍ରବଣ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତା କରିବେ । ଏହି ରାଜ୍ୟଗୁଡ଼ିକ ହେଉଛି - ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲଙ୍ଗାନା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ। ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ନକ୍ସଲପନ୍ଥୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ନକ୍ସଲବାଦ ଆହ୍ୱାନର ମୁକାବିଲା ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ଲକ୍ଷ୍ୟରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି। ମାଓପ୍ରବଣ ରାଜ୍ୟଗୁଡ଼ିକରେ ବିକାଶ କ୍ଷେତ୍ରକୁ ସହାୟତା ପ୍ରଦାନ କରିବାରେ ଘନିଷ୍ଠ ଭାବେ ସଂଶ୍ଳିଷ୍ଟ ଥିବା ୫ ଜଣ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଏହି ବୈଠକରେ ଜାତୀୟ ସୁରକ୍ଷା ଉପପରାମର୍ଶଦାତା, କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ବରିଷ୍ଠ ଅଧିକାରୀ ଯୋଗଦେବେ। ପ୍ରଭାବିତ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଉନ୍ନୟନମୂଳକ ଯୋଜନା ପହଁଞ୍ଚାଇବା ପାଇଁ ସଡ଼କ ଓ ମୋବାଇଲ୍ ଯୋଗାଯୋଗକୁ ପ୍ରୋତ୍ସାହନ

ଦେବା ଲକ୍ଷ୍ୟରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ହେବ। ଏ ପର୍ଯ୍ୟନ୍ତ ପ୍ରଭାବିତ ରାଜ୍ୟର ଦୁର୍ଗମ ଅଞ୍ଚଳରେ ୧୪ ହଜାର ୪୦୦ କିଲୋମିଟର ରାସ୍ତା ନିର୍ମାଣ ହୋଇଥିବା ବେଳେ ପାଖାପାଖି ୬ ହଜାର ମୋବାଇଲ ଟାୱାର ବସାଯାଇଥିବା ଜଣାପଡ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି, ମାଓବାଦୀ କାର୍ଯ୍ୟକଳାପ ୭୨ ପ୍ରତିଶତ ହ୍ରାସ ପାଇଥିବାବେଳେ ୨୦୧୦ ତୁଳନାରେ ୨୦୨୩ରେ ମୃତ୍ୟୁସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଦୃଢ଼ ରଣନୀତି ଯୋଗୁଁ ଏହି ସଫଳତା ହାସଲ ହୋଇପାରିଛି । ଚଳିତ ବର୍ଷ ଏପର୍ଯ୍ୟନ୍ତ ୨୦୨ ଜଣ ମାଓ କ୍ୟାଡର ନେତା ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ନିହତ ହୋଇଛନ୍ତି । ୭୨୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ୮୧୨ ଜଣଙ୍କୁ ଗିରଫ କରାଯାଇଛି । ଚଳିତ ବର୍ଷ ମାଓପ୍ରବଣ ଜିଲ୍ଲାସଂଖ୍ୟା ୩୮କୁ ହ୍ରାସ ପାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଆର୍.ବି.ଆଇ. - ଏମ୍.ସି.

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ତିନିଦିନିଆ ମୁଦ୍ରାନୀତି କମିଟି ବୈଠକ ଆଜିଠାରୁ ଆରମ୍ଭ ହେବ । ସୁଧହାର, ଖାଦ୍ୟ ମୁଦ୍ରାସ୍ଫୀତି ଏବଂ ଅର୍ଥନୈତିକ

ଅଭିବୃଦ୍ଧି ପ୍ରସଙ୍ଗ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭବନା ରହିଛି । ଚଳିତ ମାସ ଆରମ୍ଭରେ ଏହି କମିଟିର ପୁନର୍ଗଠନ କରାଯାଇଥିଲା । ୩ ଜଣ ନୂତନ ସଦସ୍ୟଙ୍କୁ ଏଥିରେ ସାମିଲ୍ କରାଯାଇଛି । ଆଲୋଚନା ପରେ ଆର୍.ବି.ଆଇ. ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ବୁଧବାର ଦିନ ବୈଠକର ନିର୍ଯ୍ୟାସ ଉପରେ ସୂଚନା ପ୍ରଦାନ କରିବେ ।

## ପୋଲ୍ - କାଉଣ୍ଟିଂ

ହରିୟାଣା ଏବଂ ଜମ୍ମୁ-କାଶ୍ମୀର ବିଧାନସଭା ନିର୍ବଚନ ଭୋଟ୍ ଗଣତି ଆସନ୍ତାକାଲି ଅନୁଷ୍ଠିତ ହେବ । ହରିୟାଣାର ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ୍ କହିଛନ୍ତି, ୯୦ଟି ବିଧାନସଭା ମଣ୍ଡଳୀ ପାଇଁ ନିଆଯାଇଥିବା ମତର ଗଣତି ୨୨ଟି ଜିଲ୍ଲା ମୁଖ୍ୟାଳୟରେ ଖୋଲାଯାଇଥିବା ୯୦ କେନ୍ଦ୍ରରେ ଗଣତି କରାଯିବ । ଇ.ଭି.ଏମ୍.ଗୁଡ଼ିକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବା ସହ ସବୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସି.ସି.ଟି.ଭି. ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଅଗ୍ରୱାଲ୍ କହିଛନ୍ତି । ମତଗ୍ରହଣ ପରେ ଇ.ଭି.ଏମ୍. ଏବଂ ଭି.ଭି.ପାଟ୍ ମେସିନ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯିବା ସହ ସେଗୁଡ଼ିକୁ ସିଲ୍ କରିଦିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

ସେହିଭଳି ଜମ୍ମୁ-କାଶ୍ମୀରରେ ଆସନ୍ତାକାଲିର ଭୋଟ୍‌ଗଣତିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆମ ଶ୍ରୀନଗର ସମ୍ବାଦଦାଦତା ଜଣାଇଛନ୍ତି, ତିନି ପର୍ଯ୍ୟାୟରେ ଅନୁଷ୍ଠିତ ମତଗ୍ରହଣରେ ୮୭୩ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ଇ.ଭି.ଏମ୍‌.ରେ ସିଲ୍ ହୋଇ ରହିଛି । ଜମ୍ମୁ-କାଶ୍ମୀର ମୁଖ୍ୟ ନିର୍ବାଚନ ଅଧିକାରୀ ପାଣ୍ଡରଙ୍ଗା କେ. ପୋଲେ କହିଛନ୍ତି, ଭୋଟ୍‌ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନାଯୋଗ୍ୟ, ୨୦୧୯ରେ ଧାରା ୩୭୦ ଏବଂ ୩୫(କ) ଉଚ୍ଛେଦ ପରେ ଜମ୍ମୁ-କାଶ୍ମୀରରେ ଏହା ହେଉଛି ପ୍ରଥମ ବିଧାନସଭା ନିର୍ବାଚନ ।

## ଇସ୍ରାଏଲ୍ ଆଲର୍ଟ

ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣକୁ ଆଜି ଏକବର୍ଷ ପୂର୍ଣ୍ଣ ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ – ଆଇ.ଡି.ଏଫ୍. କହିଛି, ଗାଜାରୁ ଅଧିକ ଦୂରତ୍ୱ ପର୍ଯ୍ୟନ୍ତ ଯାଇପାରୁଥିବା ରକେଟ୍ ତଥା ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରର ବ୍ୟବହାର ଆଶଙ୍କାକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଗାଜା ନିକଟରେ ଅଧିକ ସୈନ୍ୟ ମୁତୟନ କରାଯାଇଛି । ଇସ୍ରାଏଲ୍‌ର ବୀରସେବାସ୍ଥିତ ଏକ ବସ୍‌ଷ୍ଟାଣ୍ଡରେ ଜଣେ ବନ୍ଧୁକଧାରୀଙ୍କ

ଗୁଳିଚାଳନାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ ଜଣ ଆହତ ହୋଇଥିଲେ । ସୁରକ୍ଷା କର୍ମୀଙ୍କ ପାଲଟା ଗୁଳିମାଡ଼ରେ ବେଦୁଇନ୍ ସଂଖ୍ୟାଲଘୁ ସଦସ୍ୟ ଥିବା ଏହି ବନ୍ଧୁକଧାରୀ ନିହତ ହୋଇଥିଲା । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଉତ୍ତର ସୀମା ନିକଟବର୍ତ୍ତୀ ହିଜ୍‌ବୁଲ୍ଲାର ଦୃଢ଼ ନିୟନ୍ତ୍ରଣରେ ଥିବା ଅଞ୍ଚଳଠାରୁ କିଛି ମିଟର ଦୂରତାରେ ଥିବା ଇସ୍ରାଏଲ୍ ସୈନ୍ୟଙ୍କୁ ଭେଟିଥିଲେ । ସୈନିକଙ୍କ ପ୍ରୟାସ ଏବଂ ସାମର୍ଥ୍ୟକୁ ସେ ଉଚ୍ଚ ପ୍ରସଂଶା କରିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ସୈନିକଙ୍କୁ ସମ୍ବୋଧନ କରି ଆଇ.ଡି.ଏଫ୍. ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ହାଜି ହାଲେଭି କହିଛନ୍ତି, ଇସ୍ରାଏଲ୍ ସେନା ହମାସ ଏବଂ ହିଜିବୁଲ୍ଲା ବିରୋଧରେ ସଫଳ ପଦକ୍ଷେପ ନେଇଛି । ଗତବର୍ଷ ଅକ୍ଟୋବର ୭ ତାରିଖରେ ସୁରକ୍ଷା ବିଫଳତାକୁ ସେ ସ୍ୱୀକାର କରିବା ସହ ଏହାର ଦୃଢ଼ ପ୍ରତ୍ୟୁତ୍ତର ଦେବାରେ ଇସ୍ରାଏଲ୍ ସଫଳ ହୋଇଛି ବୋଲି କହିଛନ୍ତି ।

## ୧୦୦ ଡେଜ୍ - ଜିତେନ୍ଦ୍ର ସିଂହ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ମହାକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକପାଇଁ ଏକ ହଜାର କୋଟି ଟଙ୍କାର ପ୍ରୋତ୍ସାହନମୂଳକ ରାଶି ପ୍ରଦାନର ବ୍ୟବସ୍ଥା ହୋଇଛି ।

ନୂଆଦିଲ୍ଲୀରେ ତୃତୀୟ ପାଳିର କେନ୍ଦ୍ର ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ସିଂହ ଏହା କହିଛନ୍ତି । ସେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଦେଶରେ ମହାକାଶ କ୍ଷେତ୍ରରେ ଷ୍ଟାର୍ଟଅପ୍ ସଂଖ୍ୟା ଦେଢ଼ ଲକ୍ଷରୁ ଅଧିକ ହୋଇଛି । ଏହା ଭାରତକୁ ବିଶ୍ୱ ଇକୋ-ସିଷ୍ଟମ୍‌ର ତୃତୀୟ ସ୍ଥାନକୁ ଉନ୍ନୀତ କରିଛି । ଖୁବ୍ ଅଳ୍ପ ସମୟ ମଧ୍ୟରେ ମହାକାଶ କ୍ଷେତ୍ରରେ ଷ୍ଟାର୍ଟଅପ୍ ସଂଖ୍ୟା ଏକ ଅଙ୍କରୁ ବୃଦ୍ଧି ପାଇ ୨୦୦ରୁ ଅଧିକ ହୋଇଛି । ମହାକାଶ କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବ୍ୟବସ୍ଥାକୁ ଅନୁମୋଦନ କରି ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ସରକାରଙ୍କର ଏ କ୍ଷେତ୍ରପାଇଁ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି ।

## ଆଇ.ଏ.ଏଫ୍. - ଏୟାର ଶୋ’

ଭାରତୀୟ ବାୟୁସେନାର ୯୨ତମ ବାର୍ଷିକୀ ପାଳନ ଅବସରରେ ଗତକାଲି ଚେନ୍ନାଇର ମାରିନା ବିଚ୍‌ଠାରେ ଏକ ବୃହତ୍ ଏୟାର ଶୋ’ ଆୟୋଜିତ ହୋଇଥିଲା । ୨୧ ବର୍ଷ ପରେ ମାରିନା ବିଚ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ୧୫ ଲକ୍ଷରୁ ଅଧିକ ଲୋକ ସିଧାସଳଖ ଦେଖିଥିଲେ ।

ଏହା ଲିମ୍‌କା ବୁକ୍ ଅଫ୍ ରେକର୍ଡ଼ସ୍‌ରେ ସ୍ଥାନ ପାଇଛି । ସାମାଜିକ ଗଣମାଧ୍ୟମରେ ବିଶ୍ୱର ବିଭିନ୍ନ ଅଞ୍ଚଳର ଲୋକମାନେ ଏହାକୁ ଦେଖିଥିଲେ । ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶୋ'ରେ ବିଭିନ୍ନ ବାୟୁସେନା ଘାଟୀର ୭୨ଟି ବିମାନଦ୍ୱାରା ପ୍ରଦର୍ଶିତ ବିଭନ୍ନ କଳାକୌଶଳ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ସୁଖୋଇ, ମିରାଜ୍, ରାଫେଲ୍, ଡାକୋଟା, ଜାଗୁଆର୍, ଏମ୍.ଆଇ.ଜି., ହର୍‌କୁଲସ୍ ଏବଂ ପୋସାଇଡନ୍ ବିମାନଗୁଡ଼ିକ ଆକାଶମାର୍ଗରେ କୌଶଳ ପ୍ରଦର୍ଶନ କରିଥିଲେ ।

## ୟୁ.ପି. କୁମ୍ଭ ଲୋଗୋ

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରୟାଗରାଜଠାରେ ହେବାକୁ ଥିବା ୨୦୨୫ ମହାକୁମ୍ଭ ପାଇଁ ନୂଆ ଲୋଗୋ ଗତକାଲି ଉନ୍ମୋଚନ କରିଛନ୍ତି। ଏହି ଲୋଗୋ ଧାର୍ମିକ ଓ ଅର୍ଥନୈତିକ ସମୃଦ୍ଧିର ପ୍ରତୀକ ହୋଇଥିବା ବେଳେ ପୌରାଣିକ ସମୁଦ୍ର ମନ୍ଥନର ପବିତ୍ର ପାତ୍ର ଅମୃତ କଳସର ଚିତ୍ର ରହିଛି। ସନାତନ ସଭ୍ୟତାରେ ପ୍ରକୃତି ଓ ମାନବିକତାର ସଂଗମକୁ ପ୍ରତିନିଧିତ୍ୱ କରୁଥିବା ଏକ ମନ୍ଦିର, ଜଣେ ସାଧୁ, କଳଶ, ଅକ୍ଷୟବଟ ବୃକ୍ଷ ଏବଂ ଭଗବାନ ହନୁମାନଙ୍କ ପ୍ରତିମୂର୍ତ୍ତି ଏହି ଲୋଗୋରେ ରହିଛି। ଏଥିରେ ଆତ୍ମସଚେତନତା ଏବଂ ଜନକଲ୍ୟାଣର ନିରନ୍ତର ପ୍ରବାହ ପ୍ରତିଫଳିତ

ହେବା ସହ ୨୦୨୫ ମହାକୁମ୍ଭ ପାଇଁ ପ୍ରେରଣାଦାୟକ ପ୍ରତୀକ ହେବ। ୟୁନେସ୍କୋ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୁମ୍ଭ ମେଳାକୁ 'ମାନବିକତାର ଅଦୃଶ୍ୟ ସାଂସ୍କୃତିକ ଐତିହ୍ୟ' ଭାବେ ମାନ୍ୟତା ପାଇଛି।

## ମେନ୍ସ୍ କ୍ରିକେଟ୍

ଭାରତ-ବାଂଲାଦେଶ ତିନିଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଗତକାଲି ଗ୍ୱାଲିୟର୍‌ଠରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୭ ଓ୍ୱିକେଟ୍‌ରେ ବିଜୟୀ ହୋଇଛି । ଟସ୍ ଜିତି ଭାରତ ପ୍ରଥମେ ବାଂଲାଦେଶକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ସମସ୍ତ ଓ୍ୱିକେଟ୍ ହରାଇ ବାଂଲଶଦେଶ ୧୨୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ମେହିଦି ହାସାନ ମିରାଜ୍ ସର୍ବାଧିକ ଅପରାଜିତ ୩୫ ରନ୍ ସଂଗ୍ରହ କରିଥିଲେ । ଅର୍ଶଦୀପ୍ ସିଂହ ଏବଂ ବରୁଣ ଚକ୍ରବର୍ତ୍ତୀ ୩ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୧୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୧ ଓଭର୍ ଏବଂ ୫ଟି ବଲ୍‌ରେ ୩ ଓ୍ୱିକେଟ୍ ବିନିମୟରେ ହାସଲ କରି ନେଇଥିଲା । ସଞ୍ଜୁ ସାମ୍‌ସନ୍, ସୂର୍ଯ୍ୟକୁମାର ଯାଦବ ୨୯ ରନ୍ ଲେଖାଏଁ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ୧୬ଟି ବଲ୍‌ରୁ ଅପରାଜିତ ୩୯ ରନ୍ ସଂଗ୍ରହ କରିଥିଲେ । ବାଂଲାଦେଶ ପକ୍ଷରୁ ମୁସ୍ତାଫିଜୁର ରେହମାନ ଏବଂ ମେହିଦୀ ହାସନ ମିରାଜ ଗୋଟିଏ ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ । ଅର୍ଶଦୀପ୍ ସିଂହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ

ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍‌ଟି ଆସନ୍ତା ବୁଧବାର ଦିନ ସନ୍ଧ୍ୟା ୭ଟାରେ ଦିଲ୍ଲୀର ଅରୁଣ ଜେଟ୍‌ଲି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ ।

*****